**CLASS - 3**

**Odia**

## ଅନୁଶୀଳନୀ- ୧

୧. "୍ୟ" ଫଳା ଲଗାଇ ଶବ୍ଦଗୁଡ଼ିକ ଠିକ କରି ଲେଖ।

ପଦ - ପଦ୍ୟ ବାଲ - ବାଲ୍ୟ ସତ - ସତ୍ୟ ଗଦ - ଗଦ୍ୟ

ଖାଦ - ଖାଦ୍ୟ ବାଦ - ବାଦ୍ୟ ରମ - ରମ୍ୟ ନିତ - ନିତ୍ୟ

ବନ - ବନ୍ୟ ସଭ - ସଭ୍ୟ

୨. ସଜାଡ଼ି ଲେଖ।

ୟସାବ୍ୟବ - ବ୍ୟବସାୟ ତ୍ୟସାହି - ସାହିତ୍ୟ ମିତିଜ୍ୟା - ଜ୍ୟାମିତି

ଲସ୍ୟଆ - ଆଳସ୍ୟ ସ୍ୟହା - ହାସ୍ୟ ଖ୍ୟସଂଅ - ଅସଂଖ୍ୟ

ଜ୍ୟରା - ରାଜ୍ୟଦ୍ୟାବି - ବିଦ୍ୟାଳକାଲ୍ୟବା - ବାଲ୍ୟକାଳ

ଶ୍ୟକଆବ - ଆବଶ୍ୟକ

୩. ତଳେ ଲେଖାହୋଇଥିବା ପ୍ରଶ୍ନର ଉତ୍ତର ଲେଖ।

(କ) ପିଲାଟିର ନାମ କଣ ଥିଲା ?

ଉ. ପିଲାଟିର ନାମ କଲ୍ୟାଣୀ ଥିଲା ?

(ଖ) ସେ ନିତ୍ୟ ସକାଳୁ କେଉଁ ବିଷୟ ଅଭ୍ୟାସ କରେ ?

ଉ. ସେ ନିତ୍ୟ ସକାଳେ ଗୀତ ଅଭ୍ୟାସ କରେ।

(ଗ) ବାଦ୍ୟ କିଏ ବଜାଉଥିଲା ?

ଉ. ବାଦ୍ୟ ସତ୍ୟବତୀ ବଜାଉଥିଲା।

(ଘ) ସତ୍ୟବତୀ ଓ କଲ୍ୟାଣୀଙ୍କୁ କିଏ ଉପହାର ଦେଲେ ?

ଉ. ସତ୍ୟବତୀ ଓ କଲ୍ୟାଣୀଙ୍କୁ ସାହିତ୍ୟିକ ଆଦିତ୍ୟ ବାବୁ ଉପହାର ଦେଲେ।

## ଅନୁଶୀଳନୀ- ୨

୧. _ଫଳା ଲଗାଅ।

ଶମ - ଶ୍ରମ ଚିତ - ଚିତ୍ର ହଦ - ହ୍ରଦ ବଜ - ବଜ୍ର ଚକ - ଚକ୍ର

ବତ - ବ୍ରତ କମ - କ୍ରମ ଛତ - ଛତ୍ର ତାମ - ତାମ୍ର ସମୁଦ - ସମୁଦ୍ର

ଭମଣ - ଭ୍ରମଣ

୨. ସଜାଡ଼ି ଲେଖ।

ଚାରପ୍ର - ପ୍ରଚାର ଦ୍ରମୁସ - ସମୁଦ୍ର ମିକକ୍ର - କ୍ରମିକ ଦୀପପ୍ର - ପ୍ରଦୀପ ତଭାପ୍ର - ପ୍ରଭାତ

ମଶ୍ରରିପ - ପରିଶ୍ରମ ସ୍ରହସ - ସହସ୍ର ତିଗପ୍ର - ପ୍ରଗତି ଶ୍ରମଆ - ଆଶ୍ରମ ଶ୍ରାମବି - ବିଶ୍ରାମ

୩. ଉତ୍ତର ଲେଖ ।

(କ) ପ୍ରିୟା କେଉଁ ଶ୍ରେଣୀରେ ପାଠ ପଢ଼େ ?

ଉ. ପ୍ରିୟା ପ୍ରଥମ ଶ୍ରେଣୀରେ ପାଠ ପଢେ ।

(ଖ) ପ୍ରଭାତ ହୋଟେଲ ଆଗରେ କଣ ଥିଲା ?

ଉ- ପ୍ରଭାତ ହୋଟେଲ ଆଗରେ ଗୋଟିଏ ଫୁଲବଗିଚା ଥିଲା ।

(ଗ) ଫୁଲ ଉପରେ କିଏ ଉଡ଼ି ବୁଲୁଥିଲା ?

ଉ- ଫୁଲ ଉପରେ ଗୋଟିଏ ପ୍ରଜାପତି ଉଡ଼ି ବୁଲୁଥିଲା ।

## ଅନୁଶୀଳନୀ-୩

୧. ( m ) ଫଳା ଲଗାଅ ।

ଅମ - ଅମ୍ଳ କୀବ - କ୍ଲୀବ ମାନ - ମ୍ଲାନ ଶୁକ - ଶୁକ୍ଳ

ଶୀଳ - ଶ୍ଳୀଳ ଶୋକ - ଶ୍ଳୋକ ବିପବ - ବିପ୍ଳବ କେଶ - କ୍ଳେଶ

ପାବିତ - ପ୍ଳାବିତ ଅଶୀଳ - ଅଶ୍ଳୀଳ

୨. ସଜାଡ଼ି ଲେଖ ।

କ୍ଳଶୁ - ଶୁକ୍ଳ ନମ୍ଳା - ମ୍ଳାନ ମ୍ଳଅନଜା - ଅମ୍ଳଜାନ ଷଶ୍ଳେ - ଶ୍ଳେଷ

ଶ୍ଳୀଳଅ - ଅଶ୍ଳୀଳ ଶକ୍ଳେ - କ୍ଳେଶ ତବିପ୍ଳା - ପ୍ଳାବିତି ନିଗ୍ଳା - ଗ୍ଳାନି

ଷଣଶ୍ଳେବି - ବିଶ୍ଳେଷଣ ପ୍ଳବିବ - ବିପ୍ଳବ

୩. ଶୂନ୍ୟସ୍ଥାନ ପୂରଣ କର ।

ଅଶ୍ଳୀଳ କଥା ଶୁଣ ନାହିଁ ।

ଚୋରଟି ଅକ୍ଳେଶ ରେ ଖସିଗଲା ।

ଅମ୍ଳ ଶରୀରକୁ କ୍ଷତି କରେ ।

ଚାଣକ୍ୟ ନୀତି ଶ୍ଳୋକ ଲେଖିଥିଲେ ।

ନେତାଜୀ ଦେଶ ପାଇଁ ବିପ୍ଳବ କରିଥିଲେ ।

ଆଇର ଶୁକ୍ଳ କେଶ ଭଲ ଦେଖାଯାଏ ।

ପାରିଜାତ ଫୁଲ ଅମ୍ଳାନ ରହେ ।

ଅମ୍ଳଜାନ ଆମର ଜୀବନ ରକ୍ଷା କରେ ।

## ଅନୁଶୀଳନୀ-୪

୧. ଲ ଫଳା ଲଗାଇ ଠିକ କରି ଲେଖ ।

ପେଟ୍ - ପ୍ଲେଟ ସେଟ୍ - ସ୍ଲେଟ ଦିଲୀ - ଦିଲ୍ଲୀ ମଲୀ - ମଲ୍ଲୀ ମଲ - ମଲ୍ଲ ପଲବ - ପଲ୍ଲବ ଉଲାସ - ଉଲ୍ଲାସ ଆହାଦ - ଆହ୍ଲାଦ ଜହାଦ - ଜହ୍ଲାଦ ଭଲୁକ - ଭଲ୍ଲୁକ

୨. ସଜାଡ଼ି ଲେଖ ।

ଲ୍ଲମରବୀ - ମଲ୍ଲବୀର ଲଫୁଲ୍ଲୀମ - ମଲ୍ଲୀଫୁଲ ଟ୍ସ୍ଲେ - ସ୍ଲେଟ୍

ଫୁଲ୍ଲପ୍ର - ପ୍ରଫୁଲ୍ଲ ଲ୍ଲାସଉ - ଉଲ୍ଲାସ ଲ୍ଲୀପ - ପଲ୍ଲୀ ଲ୍ଲୀଦି - ଦିଲ୍ଲୀ

ଟ୍ପ୍ଲେ - ପ୍ଲେଟ୍ ସିତଲ୍ଲଉ - ଉଲ୍ଲସିତ ତବିଲ୍ଲପ - ପଲ୍ଲବିତ

୩. ଉତ୍ତର ଲେଖ ।

(କ) ପଲ୍ଲବର ଭଉଣୀର ନାମ କଣ ?

ଉ. ପଲ୍ଲବର ଭଉଣୀର ନାମ ପଲ୍ଲବୀ ।

(ଖ) ପ୍ରଫୁଲ୍ଲ ବାବୁ କେଉଁଠି ଚାକିରୀ କରୁଥିଲେ ?

ଉ. ପ୍ରଫୁଲ୍ଲ ବାବୁ ନୂଆ ଦିଲ୍ଲୀରେ ଚାକିରୀ କରୁଥିଲେ ।

(ଗ) ନୂଆ ଦିଲ୍ଲୀରେ ପଲ୍ଲବ କି କାମ କରୁଥିଲା ?

ଉ. ନୂଆ ଦିଲ୍ଲୀରେ ପଲ୍ଲବ ଏକ ଦୋକାନରେ କାମ କରୁଥିଲା ।

(ଘ) ପଲ୍ଲବର ଗ୍ରାମର ନାମ କଣ ଥିଲା ?

ଉ. ପଲ୍ଲବର ଗ୍ରାମର ନାମ ଉଲ୍ଲାସପୁର ଥିଲା ।

(ଙ) ପଲ୍ଲବ ତାର ନୂଆ ଦୋକାନ ନୂଆ ଦିଲ୍ଲୀରେ ଖୋଲିଲା ।

## ଅନୁଶୀଳନୀ-୫

୧. (ନ) ଫଳା ଲଗାଇ ଠିକ୍ କରି ଲେଖ ।

ଅନ - ଅନ୍ନ ଜହ - ଜହ୍ନ ପ୍ରଶ - ପ୍ରଶ୍ନ ଜହି - ଜହ୍ନି ରତ - ରତ୍ନ

ଲଗ - ଲଗ୍ନ ପ୍ରସନ - ପ୍ରସନ୍ନ ବିପ - ବିପ୍ନ ମଗ - ମଗ୍ନ ଅଗି - ଅଗ୍ନି

୨. ସଜାଡ଼ି ଲେଖ ।

ତ୍ନର - ରତ୍ନ ଗ୍ନିଅ - ଅଗ୍ନି ତିନ୍ନଉ -ଉନ୍ନତି ଟକନ୍ନିସ - ସନ୍ନିକଟ ନସ୍ନା - ସ୍ନାନ

ପ୍ନସ୍ୱ - ସ୍ୱପ୍ନ ନ୍ନସବଅ - ଅବସନ୍ନ ନ୍ନସପ୍ର - ପ୍ରସନ୍ନ ମ୍ନନି - ନିମ୍ନ ହ୍ନଜ - ଜହ୍ନ

୩. ପଦ୍ୟରେ ( ନ ) ଫଳା ଥିବା ଶବ୍ଦଗୁଡ଼ିକ ଲେଖ ।

ଜହ୍ନମାମୁଁ, କାହ୍ନୁ, ସ୍ନାନ, ସ୍ନେହ

୪. ଶୂନ୍ୟସ୍ଥାନ ପୂରଣ କର ।

(କ) <u>କାହ୍ନୁ</u> କେତେ <u>ସ୍ନେହ</u> କରିବ ତୋତେ

<u>ସ୍ନାନ</u> କରିବାକୁ ନେବ <u>ସହିତେ</u>

(ଖ) <u>କାହ୍ନୁ</u> କପାଳରେ ଦେଇଯା <u>ଟିପ</u>

ତୁମ ରାଇଜର <u>କହିଯା</u> <u>ଗପ</u>

## ଅନୁଶୀଳନୀ-୬

୧. (ୱ) ଫଳା ଲଗାଅ ।

ଦୀପ - ଦ୍ୱୀପ ସାଦ - ସ୍ୱାଦ ପକ - ପକ୍ୱ ଅଶ - ଅଶ୍ୱ ଧନି - ଧ୍ୱନି

ଜର - ଜ୍ୱର ଜାଳା - ଜ୍ୱାଳା ସାଧୀନ - ସ୍ୱାଧୀନ ବିଶ - ବିଶ୍ୱ ଜିହା - ଜିହ୍ୱା

୨. ସଜାଡ଼ି ଲେଖ ।

ବଭାସ୍ୱ - ସ୍ୱଭାବ ଜଦ୍ୱରା - ରାଜଦ୍ୱ ଦସ୍ୱା - ସ୍ୱାଦ ଶ୍ୱରଇ - ଈଶ୍ୱର ପଦ୍ୱୀ - ଦ୍ୱୀପ

ନିଧ୍ୱ - ଧ୍ୱନି ରଜ୍ୱ - ଜ୍ୱର ରଦ୍ୱା - ଦ୍ୱାର କ୍ୱପ - ପକ୍ୱ ଧୀନସ୍ୱା - ସ୍ୱାଧୀନ

୩. ଶୂନ୍ୟସ୍ଥାନ ପୂରଣ କର ।

(କ) ତପସ୍ୱିନୀ ଓ ମନସ୍ୱିନୀ ଦୁଇ ଭଉଣୀ ଥିଲେ ।

(ଖ) ସେହି ଗାଁକୁ ଜଣେ ବାବାଜୀ ଆସିଥିଲେ ।

(ଗ) ମଧୁର ସ୍ୱରରେ କଥା ହେବ ।

(ଘ) ମନସ୍ୱିନୀ ପାଟିରୁ ପଥର ପଡ଼ିଲା ।

(ଙ) ତପସ୍ୱିନୀ ପାଟି ରୁ ଫୁଲ ପଡ଼ିଲା ।

......o......

## ଅନୁଶୀଳନୀ-୭

୧. (ମ) ଫଳା ଲଗାଅ ।

ପଦ - ପଦ୍ମ ବହ - ବହ୍ମ ରଶି - ରଶ୍ମି ଜନ - ଜନ୍ମ ଉସ - ଉସ୍ମ ଯୁଗ - ଯୁଗ୍ମ

ଗୁଳ - ଗୁଳ୍ମ ବ୍ରାହଣ - ବ୍ରାହ୍ମଣ ଲକ୍ଷଣ - ଲକ୍ଷ୍ମଣ ପଦାସନ - ପଦ୍ମାସନ

୨. ସଜାଡ଼ି ଲେଖ ।

ଣାହ୍ମବ୍ରା - ବ୍ରାହ୍ମଣ କତ୍ମିଆ - ଆତ୍ମିକ ଶାଶ୍ମନ - ଶ୍ମଶାନ ରଣ ସ୍ମ - ସ୍ମରଣ

ଳ୍ମଗୁ - ଗୁଳ୍ମ ଯୁଆନଷ୍ମା - ଆୟୁଷ୍ମାନ କିବାଲ୍ମୀ - ବାଲ୍ମୀକି ଦ୍ମପ - ପଦ୍ମ

ବିତୃସ୍ମ - ବିସ୍ମୃତ ଦ୍ମଛ - ଛଦ୍ମ

୩. ଉତ୍ତର ଲେଖ ।

(କ) କାହାର ଜନ୍ମଦିନ ପାଳନ ହେଉଥିଲା ?

ଉ. ପଦ୍ମାବତୀର ଜନ୍ମଦିନ ପାଳନ ହେଉଥିଲା ।

(ଖ) ସନ୍ନ୍ୟାସୀକୁ ମିଠେଇ ପୁଡ଼ାଏ କିଏ ଦେଲା ?

ଉ. ପଦ୍ମଲୋଚନ ସନ୍ନ୍ୟାସୀକୁ ମିଠେଇ ପୁଡ଼ାଏ ଦେଲା ।

(ଗ) ସନ୍ନ୍ୟାସୀ ପଦ୍ମଲୋଚନକୁ କଣ ଦେଲେ ?

ଉ. ସନ୍ନ୍ୟାସୀ ପଦ୍ମଲୋଚନକୁ ଗୋଟିଏ ମାଳ ଦେଲେ ।

(ଘ) କାହିଁକି ସନ୍ନ୍ୟାସୀକୁ କେହି କେହି ଚିହ୍ନିପାରିଲେ ନାହିଁ ?

ଉ. ସନ୍ନ୍ୟାସୀ ଛଦ୍ମ ବେଶରେ ଆସିଥିବାରୁ ତାଙ୍କୁ କେହି ଚିହ୍ନିପାରିଲେ ନାହିଁ ।

(ଙ) ମାଳର ଗୁଣ କଣ ଥିଲା ?

ଉ. ମାଳକୁ ଗଳାରେ ରଖି ମିଛ କହିଲେ ତାହା ଅକସ୍ମାତ ଉଭେଇଯାଏ ।

.......୦.......

## ଅନୁଶୀଳନୀ-୮

୧.(ˊ) ଲଗାଅ ।

ଗବ - ଗର୍ବ ଦପ - ଦର୍ପ ବଷ - ବର୍ଷ ଧମ - ଧର୍ମ ସପ - ସର୍ପ

ଇଷା - ଇର୍ଷା ପୂବ - ପୂର୍ବ ବଷା - ବର୍ଷା ନିମାଣ - ନିର୍ମାଣ ଆତ - ଆର୍ତ

୨. ସଜାଡ଼ି ଲେଖ ।

ର୍ପଣଦ - ଦର୍ପଣ ର୍ବଳଦୁ - ଦୁର୍ବଳ ରର୍ପୂକ - କର୍ପୂର ର୍ପସ - ସର୍ପ

ର୍ଜନଅ - ଅର୍ଜନ ର୍ଷବ - ବର୍ଷ ର୍ଧନନି - ନିର୍ଧନ ଳର୍ଗଅ - ଅର୍ଗଳ

ଣନିର୍ମା - ନିର୍ମାଣ ର୍ଜନପାଉ - ଉପାର୍ଜନ

୩. ଉତ୍ତର ଲେଖ ।

(କ) କୋଣାର୍କର ଅନ୍ୟ ନାମ କଣ ?

ଉ. କୋଣାର୍କର ଅନ୍ୟ ନାମ ଅର୍କକ୍ଷେତ୍ର ଅଟେ ।

(ଖ) ଏହା ଓଡ଼ିଶାର କେଉଁ ଦିଗରେ ଅଛି ?

ଉ. ଏହା ଓଡ଼ିଶାର ପୂର୍ବ ଦିଗରେ ଅଛି ।

(ଗ) ଏହାର ନିର୍ମାଣ କାର୍ଯ୍ୟରେ କେତେ ବର୍ଷ ଲାଗିଥିଲା ?

ଉ. ଏହାର ନିର୍ମାଣ କାର୍ଯ୍ୟରେ ବାର ବର୍ଷ ଲାଗିଥିଲା ।

(ଘ) ବିଶୁ ମହାରଣାର ପୁଅର ନାମ କଣ ଥିଲା ?

ଉ. ବିଶୁ ମହାରଣାର ପୁଅର ନାମ ଧର୍ମପଦ ଥିଲା ।

......୦........

## ସାହସ ଅଟେ ବଡ଼ ବଳ

ଉତ୍ତର ଲେଖ ।

୧. ଲୋକମାନେ ଜାହାଜରେ କୁଆଡ଼େ ଯାଉଥିଲେ ?

ଉ. ଲୋକମାନେ ଜାହାଜରେ ଦୂର ଦେଶକୁ ବେପାର କରିବାକୁ ଯାଉଥିଲେ ।

୨. ସମୁଦ୍ର ମଝିରେ କଣ ହେଲା ?

ଉ. ସମୁଦ୍ର ମଝିରେ ଝଡ଼ ହେଲା ।

୩. ଜାହାଜ କେଉଁଠିରେ ପିଟି ହୋଇଥିଲା ?

ଉ. ଜାହାଜ ଏକ ବଡ଼ ବରଫ ପାହାଡ଼ରେ ପିଟି ହୋଇଥିଲା ।

୪. ପିଟି ହେବାରୁ ଜାହାଜର କଣ ହେଲା ?

ଉ. ପିଟି ହେବାରୁ ଜାହାଜ ଧୀରେ ଧୀରେ ପାଣିରେ ବୁଡ଼ିବାକୁ ଲାଗିଲା ।

୫. ବିପଦରୁ କିପରି ରକ୍ଷା ମିଳିପାରିବ ?

ଉ. ବିପଦ ଆସିଲେ ଡ଼ରି ନ ଯାଇ ସାହସର ସହିତ ତାର ମୁକାବିଲା କରିଲେ ରକ୍ଷା ମିଳିପାରିବ ।

............o............

## ଅନୁଶୀଳନୀ- ୯

୧. ଉତ୍ତର ଲେଖ ।

(କ) ଶଙ୍ଖାରିଟିର ନାମ କଣ ଥିଲା ?

ଉ. ଶଙ୍ଖାରିଟିର ନାମ ହରି ପ୍ରଧାନ ଥିଲା ।

(ଖ) ଶଙ୍ଖା ନେଇ ସେ କୁଆଡ଼େ ଯାଉଥିଲେ ?

ଉ. ଶଙ୍ଖା ନେଇ ସେ ହାଟକୁ ଯାଉଥିଲେ ।

(ଗ) ଶଙ୍ଖାତକ ବିକି ପଇସା ପାଇଲେ ସେ କଣ କଣ ସବୁ କରିବେ ବୋଲି ଭାବୁଥିଲେ ?

ଉ. ଶଙ୍ଖାତକ ବିକି ପଇସା ପାଇଲେ ସେ ବଡ଼ ଦୋକାନ, କୋଠାଘର ଓ ମଟରଗାଡ଼ି କରିବେ ବୋଲି ଭାବୁଥିଲେ ।

(ଘ) ପଥରରେ ଗୋଡ଼ ବାଜିବାରୁ କଣ ହେଲା ?

ଉ. ପଥରରେ ଗୋଡ଼ ବାଜିବାରୁ ସେ ପଡ଼ିଗଲେ, ମଥା ଉପରେ ଥିବା ଶଙ୍ଖା ବୋଝଟା ଛିଟିକିଯାଇ ବାଟ କଡ଼ରେ ପଡ଼ିଲା, ସବୁତକ ଶଙ୍ଖା ଚୁନାଚୁନା ହୋଇଗଲା ।

ପୃଷ୍ଠା...୭

୨. ଅର୍ଥ ଲେଖ ।

ତୋରା - ସପଫା  ମଟକା - ଯାହା ସହଜରେ ଭାଙ୍ଗିଯାଏ

ମନ ପିତା ହେବା - ମନ ଦୁଃଖ ହେବା  ମନଲୋଭା - ଅତି ସୁନ୍ଦର

୩. ବାକ୍ୟଗଠନ କର ।

ନୁଆ ନୁଆ - ମୋ ପାଖରେ ନୁଆ ନୁଆ ପେନ୍ ଅଛି ।

ଚୁନା ଚୁନା - କାଚ ଗ୍ଲାସଟି ତଳେ ପଡ଼ି ଚୁନା ଚୁନା ହୋଇଗଲା ।

ଜଣାଶୁଣା - ରାମ ବାବୁ ଆମ ଗାଁର ଜଣେ ଜଣାଶୁଣା ଲୋକ ।

ସପନ - ସବୁ ସପନ ସତ ହୁଏନାହିଁ ।

କ୍ଷତି - ମୋ ବାପାଙ୍କ ବେପାରରେ ବହୁତ କ୍ଷତି ହେଲା ।

ଭୋଳ - ମୁଁ ଗୀତ ଶୁଣିବାରେ ଭୋଳ ଅଛି ।

୪. ଶୂନ୍ୟସ୍ଥାନ ପୂରଣ କର ।

(କ) ନିଜ କାମ ମନ ଦେଇ କର ।

(ଖ) ଶଙ୍ଖା ବୋଝଟା ଛିଟିକି ଯାଇ ବାଟ କଡ଼ରେ ପଡ଼ିଲା ।

(ଗ) ଆମ ଘର ପାଖରେ ଦୋକାନଟିଏ ଅଛି ।

(ଘ) ସୀତାର ବାପା ଭଲ ଶଙ୍ଖା ତିଆରି କରୁଥିଲେ ।

(ଙ) ଫେଲ ହୋଇଯିବା ଶୁଣି ମିତାର ମନପିତା ହୋଇଗଲା ।

---------o---------

## ରାମାୟଣ କଥା

୧. ପ୍ର. ଦଶରଥଙ୍କ କେତୋଟି ପୁଅ ଥିଲେ ?

ଉ. ଦଶରଥଙ୍କ ଚାରି ପୁଅ ଥିଲେ ।

୨. ପ୍ର. ସେ କେତେ ବର୍ଷ ବନବାସରେ ଯାଇଥିଲେ ?

ଉ. ସେ ଚଉଦ ବର୍ଷ ବନବାସରେ ଯାଇଥିଲେ ।

୩. ପ୍ର. ରାବଣ କେଉଁଠାର ରାଜା ଥିଲେ ?

ଉ. ରାବଣ ଲଙ୍କାର ରାଜା ଥିଲେ ।

୪. ପ୍ର. ମାଙ୍କଡ଼ ମାନଙ୍କର ରାଜା କିଏ ଥିଲେ ?

ଉ. ମାଙ୍କଡ଼ ମାନଙ୍କର ରାଜା ସୁଗ୍ରୀବ ଥିଲେ ।

୫. ପ୍ର. ଲଙ୍କାଗଡ଼ର ଆଧୁନିକ ନାମ କଣ ଅଟେ ?

ଉ. ଲଙ୍କାଗଡ଼ର ଆଧୁନିକ ନାମ ଶ୍ରୀଲଙ୍କା ଅଟେ ।

୬. ପ୍ର. ସମୁଦ୍ର ଭିତରେ ଲଙ୍କାକୁ କିପରି ବାଟ ନିଆରି ହେଲା ?

ଉ. ବଡ଼ବଡ଼ ପଥର, ପାହାଡ଼, ଗଛ ଇତ୍ୟାଦି ପକାଇ ସମୁଦ୍ର ଭିତରେ ଲଙ୍କାକୁ ବାଟ ତିଆରି ହେଲା ।

୭. ବାକ୍ୟଗଠନ କର ।

କୁଡ଼ିଆ - ମୋ ଆଇ କୁଡ଼ିଆ ଘରେ ରହନ୍ତି ।

ଲଢ଼େଇ - ଝଗଡ଼ା କରି ଲଢ଼େଇ କରନାହିଁ ।

ସମୁଦ୍ର - ପୁରୀରେ ସମୁଦ୍ର ଅଛି ।

ସାହାଯ୍ୟ - ମା ଗରିବମାନଙ୍କୁ ସାହାଯ୍ୟ କରନ୍ତି ।

ଆକ୍ରମଣ - ହାତୀ ଆକ୍ରମଣରେ ଗାଁ ଲୋକମାନେ ଡରିଗଲେଣି ।

ଫେରାଇ - ମୁଁ ସାଙ୍ଗର ପେନ୍ ଫେରାଇ ଦେଇଛି ।

ସାଥିରେ - ମୁଁ ବାପାଙ୍କ ସାଥିରେ ବଜାର ବୁଲିବାକୁ ଯାଇଥିଲି ।

ତିଆରି - ପିଠାଟି ଅଟାରେ ତିଆରି ହୋଇଛି ।

୮. ଶୂନ୍ୟସ୍ଥାନ ପୂରଣ କର ।

(କ) ହନୁମାନ ମାଙ୍କଡ଼ମାନଙ୍କର ମୁଖିଆ ଥିଲେ ।

(ଖ) ରାବଣ ଲଙ୍କାଗଡ଼ ରେ ଶାସନ କରୁଥିଲେ ।

(ଗ) ରାମ ୧୪ବର୍ଷ ବନବାସ କରିଥିଲେ ।

(ଘ) ବନବାସ ସମୟରେ ସେ ସାଥିରେ ସୀତା ଓ ଲକ୍ଷ୍ମଣ ଙ୍କୁ ନେଇଥିଲେ ।

(ଙ) ସୀତାଙ୍କ ଚୋରି କଥା ଜଟାୟୁ ନାମକ ଏକ ପକ୍ଷୀ ରାମଙ୍କୁ ଜଣାଇଲା ।

.......୦.......

## ବେଙ୍ଗୁଲିର ବାହାଘର

୧. ଉତ୍ତର ଦିଅ ।

ପ୍ର. କାହାର ବାହାଗର ହେଉଥିଲା ?

ଉ. ବେଙ୍ଗୁଲି ରାଣୀର ବାହାଗର ହେଉଥିଲା ।

୨. ପ୍ର. କେତେଜଣ କୁଣିଆ ଖାଇଲେ ?

ଉ. ଅଠର ଜଣ କୁଣିଆ ଖାଇଲେ ।

୩. ଶୂନ୍ୟସ୍ଥାନ ପୂରଣ କର ।

(କ) ସାଙ୍ଗହୋଇ ଗଲେ ଚିଙ୍ଗୁଡ଼ିପଲ
ବେଙ୍ଗୁଲି ସାଙ୍ଗରେ ହୋଇଲେ ଗେଲ ।

(ଖ) ଝଡ଼ିପୋକ ଭଜା କଙ୍କି ତିଅଣ
ଖାଇଲେ କୁଣିଆ ଅଠର ଜଣ

୪. ବାକ୍ୟଗଠନ କର ।

ସାଙ୍ଗ - ମୋ ସାଙ୍ଗ ଭଲ ପାଠ ପଢ଼େ ।

ବଢ଼ିଆ - ଭୋଜିରେ ବଢ଼ିଆ ଖାଇବା ହୋଇଛି ।

ଛୋଟିଆ - ଆମ ଘରେ ଛୋଟିଆ କୁକୁର ଛୁଆ ଅଛି ।

ତିଅଣ - ଆମ ଘରେ ଆଜି ମାଛତିଅଣ ହୋଇଛି ।

ଚଢ଼ି - ମୁଁ ପହାଚରେ ଚଢ଼ି ଉପରକୁ ଗଲି ।

ପୃଷ୍ଠା.. ୮

## ଅନୁଶୀଳନୀ - ୧୦

୧. (କ) ଅଞ୍ଚଳ, ମଞ୍ଚ, ପିଞ୍ଛ, କାଞ୍ଚନ, ସଞ୍ଚୟ, ଚାଞ୍ଛିବା, ବାଞ୍ଛା, ମଞ୍ଜା, ଅଞ୍ଚଳ, ଲାଞ୍ଛନା।

(ଖ) ତାଲା ଖୋଲା ହୁଏ କଞ୍ଚିରେ।
ଚକ ଖୋଲା ହୁଏ ରେଞ୍ଚିରେ।
ଇଟା ଗଢ଼ା ହୁଏ ଛାଞ୍ଚରେ।
ନାଚ ହୁଏ ରଙ୍ଗମଞ୍ଚ ରେ।

୨. ଚିତ୍ର ଦେଖି ନାମ ଲେଖ।
କଞ୍ଚି, ରେଞ୍ଚି, କଇଞ୍ଚି, ଛୁଞ୍ଚି,

୩. ବାକ୍ୟଗଠନ କର।
ସରପଞ୍ଚ - ଆମ ଗାଁର ସରପଞ୍ଚ ବହୁତ ଭଲ ଲୋକ।
ସଞ୍ଚୟ - ପଇସା ସଞ୍ଚୟ କରିବା ଭଲ କଥା।
ଲାଞ୍ଛନା - ଗରିବ ପିଲାଟିକୁ ଅନେକ ଲାଞ୍ଛନା ସହିବାକୁ ପଡୁଛି।
ବାଞ୍ଛା - ମୁଁ ଶିକ୍ଷକ ହେବାପାଇଁ ବାଞ୍ଛା ରଖିଛି।
ଅଞ୍ଚଳ - ଆମ ଅଞ୍ଚଳରେ ବର୍ଷା ହେଉଛି।
ଚଞ୍ଚଳ - ମୁଁ ପୁରୀ ଯିବାପାଇଁ ଚଞ୍ଚଳ କାମ ସାରିଦେଇଛି।

......୦......

## ଅନୁଶୀଳନୀ-୧୧

୧. ପ୍ର. ଗାଁର ନାମ କଣ ଥିଲା ?
ଉ. ଗାଁର ନାମ ବାଞ୍ଛାର ପୁର ଥିଲା।

୨. ପ୍ର. ବିଲୁଆଙ୍କ ନେତାଙ୍କ ନାମ କଣ ଥିଲା ?
ଉ. ବିଲୁଆଙ୍କ ନେତାଙ୍କ ନାମ ଚଞ୍ଚକ ଥିଲା।

୩. ପ୍ର. ସେମାନେ କେଉଠିକୁ ପାଣି ପିଇବାକୁ ଆସୁଥିଲେ ?
ଉ. ସେମାନେ ଝରଣାକୁ ପାଣି ପିଇବାକୁ ଆସୁଥିଲେ।

୪. ପ୍ର. ଚଞ୍ଚକ ଝରଣା କୂଳରେ କଣ ଦେଖିଲା ?
ଉ. ଚଞ୍ଚକ ଝରଣା କୂଳରେ ସିଂହର ପଞ୍ଝା ଦେଖିଲା।

୫. ପ୍ର. ସିଂହର ପଞ୍ଝା ଦେଖି ସେ କଣ କଲା ?
ଉ. ସିଂହର ପଞ୍ଝା ଦେଖି ସେ ବଡ଼ ରଡିକରି ବଣକୁ ଦୌଡ଼ିଲା।

ପୃଷ୍ଠା...୧୦ ୮

୬. ବାକ୍ୟଗଠନ କର ।

ସଞ୍ଜ - ସଞ୍ଜବେଳେ ମୁଁ ପାଠ ପଢ଼ି ବସେ ।

ପଞ୍ଝା - ବିଲେଇର ପଞ୍ଝା ବହୁତ ନରମ ଥାଏ ।

ଆଞ୍ଜୁଳା - ପିଲାଟି ଆଞ୍ଜୁଳାରେ ପାଣି ପିଉଛି ।

ଇଞ୍ଜିନ - ଗାଡ଼ିର ଇଞ୍ଜିନ ଖରାପ ଅଛି ।

ଛକାପଞ୍ଝା - ବିଲେଇ ଓ ମୂଷା ଭିତରେ ଛକାପଞ୍ଝା ଖେଳ ହେଉଛି ।

ପଞ୍ଝାଏ - ପଞ୍ଝାଏ ମାଙ୍କଡ଼ ଗଛଉପରେ ବସିଛନ୍ତି ।

୭. ଶୂନ୍ୟସ୍ଥାନ ପୂରଣ କର ।

(କ) ଆକାଶରେ ତାରା ମିଞ୍ଜିମିଞ୍ଜି କରୁଛି ।

(ଖ) ଖଞ୍ଜ ଲୋକଟି ଗୀତ ବୋଲୁଛି ।

(ଗ) ଶୁଆ ପଞ୍ଜୁରି ରେ ଅଛି ।

(ଘ) କୁକୁର ଲାଞ୍ଜ ବଙ୍କା ଅଟେ ।

(ଙ) ଚଞ୍ଚକ ବିଲୁଆମାନଙ୍କ ନେତା ଥିଲା ।

(ଚ) ପଞ୍ଝାଏ ମାଙ୍କଡ଼ ଗଛରେ ବସିଥିଲେ ।

........ଠ........

ସ୍ପ୍ଖା୯୦